# NATIONAL NEWS BULLETIN (ODIA)

## 15 February - 2025

## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ଆଦି ମହୋତ୍ସବ ୨୦୨୫କୁ ଆସନ୍ତାକାଲି ନୂଆଦିଲ୍ଲୀରେ ଉଦ୍‌ଘାଟନ କରିବେ ରାଷ୍ଟ୍ରପତି ।
- ବୋଡୋ ସମ୍ପ୍ରଦାୟକୁ ସଶକ୍ତ କରିବା ସହିତ ସେମାନଙ୍କ ଆକାଂକ୍ଷାକୁ ପୂରଣ କରିବା ଦିଗରେ ସରକାର ନିରନ୍ତର ପ୍ରଚେଷ୍ଟା ଜାରି ରଖିଛନ୍ତି, କହିଲେ ପ୍ରଧାନମନ୍ତ୍ରୀ ।
- ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥଗୁଡ଼ିକର ଉପଯୁକ୍ତ ବ୍ୟବହାର ଲାଗି ଦ୍ୱିପକ୍ଷିୟ ସହଯୋଗ ନିମନ୍ତେ ଭାରତ ଓ ଶ୍ରୀଲଙ୍କା ସହମତ ।
- କାଶୀ-ତାମିଲ୍ ସଙ୍ଗମମ୍‌ର ତୃତୀୟ ସଂସ୍କରଣ ଆଜି ଉଦ୍‌ଘାଟିତ ହେଲା ବାରଣାସୀରେ ।

ଏବଂ

- ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫିରେ ଭାଗ ନେବା ଲାଗି ଦୁବାଇ ଯାତ୍ରା କଲା ଭାରତୀୟ କ୍ରିକେଟ୍ ଦଳ ।

# ଆଦି ମହୋତ୍ସବ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ନୂଆଦିଲ୍ଲୀ ଠାରେ ଆଦି ମହୋତ୍ସବ ୨୦୨୫ର ଉଦ୍‌ଘାଟନ କରିବେ । ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମ୍ ଠାରେ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ ଜନଜାତି ସମ୍ପ୍ରଦାୟର କଳା, ସଂସ୍କୃତି, ଔଦ୍ୟୋଗିକ କାର୍ଯ୍ୟକଳାପ ତଥା ବାଣିଜ୍ୟ ସମ୍ପର୍କିତ ବିଭିନ୍ନ କଳାକୃତି ସ୍ଥାନ ପାଇବ । ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗା ଦାସ ଉଇକେ କହିଛନ୍ତି, ବିଭିନ୍ନ ରାଜ୍ୟରେ ବସବାସ କରୁଥିବା ଜନଜାତି କାରିଗର ତଥା ଉଦ୍ୟୋଗୀଙ୍କର ବିଭିନ୍ନ କଳାକୃତି ସମ୍ପର୍କରେ ଅବଗତ କରାଇବା ନିମନ୍ତେ ଏହି ମହୋତ୍ସବ ଆୟୋଜନ କରାଯାଇଛି । ଏଥିରେ ୬୦୦ରୁ ଊର୍ଦ୍ଧ୍ୱ ଜନଜାତି ଉଦ୍ୟୋଗୀ ଅଂଶଗ୍ରହଣ କରିବେ ବୋଲି ଶ୍ରୀ ଉଇକେ କହିଛନ୍ତି ।

ଏହି ଅବସରରେ ଦେଶର ବିଭିନ୍ନ ପ୍ରାନ୍ତରେ ବସବାସ କରୁଥିବା ଜନଜାତି ସମ୍ପ୍ରଦାୟଙ୍କର ପାରମ୍ପରିକ ନୃତ୍ୟ ସଂଗୀତ ପରିବେଷଣ କରାଯିବ । ୯ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବ ଆସନ୍ତା ୨୪ ତାରିଖ ଦିନ ଉଦ୍‌ଯାପିତ ହେବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି ।

# ପିଏମ୍-ବୋଡୋ

ବୋଡୋ ସମ୍ପ୍ରଦାୟକୁ ସଶକ୍ତ କରିବା ସହିତ ସେମାନଙ୍କର ଆଶା-ଆକାଂକ୍ଷାକୁ ପୂରଣ କରିବା ଦିଗରେ ଉଭୟ କେନ୍ଦ୍ର ଓ ଆସାମ ସରକାର ନିରନ୍ତର ପ୍ରଚେଷ୍ଟା ଜାରି ରଖିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । କୋକରାଝର ଠାରେ ଆସାମ ବିଧାନସଭାର ଏକଦିବସୀୟ ଅଧିବେଶନ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କର ସାମାଜିକ ଗଣମାଧ୍ୟମରେ କରାଯାଇଥିବା ପୋଷ୍ଟର ଉତ୍ତରରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ଗତ ସୋମବାର ଦିନ କୋକରାଝରଠାରେ ଅନୁଷ୍ଠିତ ଏହି ଐତିହାସିକ ଦିନିକିଆ ସ୍ୱତନ୍ତ୍ର ବିଧାନସଭା ଅଧିବେଶନକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପ୍ରଶଂସା କରିଛନ୍ତି ।

# ପିଏମ୍-ସୀତାରମଣ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସଂସଦର ବଜେଟ୍ ଅଧିବେଶନରେ ଉଦ୍‌ବୋଧନ ଦେବା ସମୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଭାରତୀୟ ଅର୍ଥନୀତିର ଏକ ସ୍ୱଚ୍ଛ ଚିତ୍ର ଉପସ୍ଥାପନ କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସଂସଦରେ କେନ୍ଦ୍ର ବଜେଟ୍ ସମ୍ପର୍କିତ ଅର୍ଥମନ୍ତ୍ରୀଙ୍କର ଅଭିଭାଷଣ ଏବଂ ଆୟକର ବିଲ୍ ଆଗତ ପ୍ରସ୍ତାବକୁ ସାମାଜିକ ଗଣମାଧ୍ୟମରେ  ପୋଷ୍ଟ କରି ଏହା କହିଛନ୍ତି । ଦେଶର

ଅର୍ଥନୀତି କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ  ସମ୍ପର୍କରେ ଶ୍ରୀମତୀ ସୀତାରମଣ ସଂସଦରେ ଯେଉଁଭଳି ଉପସ୍ଥାପନ କରିଛନ୍ତି ତାହାକୁ ଶ୍ରୀ ମୋଦୀ ଏହି ପୋଷ୍ଟରେ ପ୍ରଶଂସା କରିଛନ୍ତି ।

## ଇଣ୍ଡିଆ-ଶ୍ରୀଲଙ୍କା

ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଗୁଡ଼ିକର ଉପଯୁକ୍ତ ଭାବେ ବ୍ୟବହାର ସମ୍ପର୍କରେ ଆଜି ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଦ୍ୱିପକ୍ଷିୟ ଆଲୋଚନା କରାଯାଇଛି । ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଏହି ବୈଠକରେ କୋଇଲା ଓ ଖଣି ରାଷ୍ଟ୍ର ମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ  ଏବଂ ଶ୍ରୀଲଙ୍କାର ଶିଳ୍ପ ଓ ଔଦ୍ୟୋଗିକ ବିକାଶ ମନ୍ତ୍ରୀ  ସୁନୀଲ ହାନ୍ଦୁନେତି ଅଂଶଗ୍ରହଣ କରିଥିଲେ । ଏହି ଗୁରୁତ୍ୱପୂର୍ଣ୍ଣ ଖଣିଜ ଦ୍ରବ୍ୟ ଗୁଡ଼ିକ ଦୁଇ ଦେଶର ଅର୍ଥନୈତିକ ଏବଂ ଶିଳ୍ପ ଅଭିବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଦୃଷ୍ଟିରୁ ଏହାର ସଫଳ ବିନିଯୋଗ ଦିଗରେ ଦ୍ୱିପକ୍ଷିୟ ସହଯୋଗ ଉପରେ ଉଭୟ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଭାରତ ପକ୍ଷରୁ ଏହି କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରି ଶ୍ରୀ ଦୁବେ କହିଛନ୍ତି, ଦେଶର ଅକ୍ଷୟ ଶକ୍ତି ଲକ୍ଷ୍ୟ ଧାର୍ଯ୍ୟ ପୂରଣ କରିବା ଲାଗି ଲିଥିୟମ୍, ଗ୍ରାଫାଇଟ୍, ନିକେଲ୍ ଓ କପର ଭଳି ଆବଶ୍ୟକ କଞ୍ଚା ମାଲ୍‌ର ନିରନ୍ତର ଯୋଗାଣକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଜାତୀୟ ଗୁରୁତ୍ୱପୂର୍ଣ୍ଣ

ଖଣିଜ ପଦାର୍ଥ ମିଶନ୍ କାର୍ଯ୍ୟକାରୀ କରାଯାଉଛି । ଏଥିସହିତ ଏହି କ୍ଷେତ୍ରରେ ଆନ୍ତର୍ଜାତିକ ସ୍ତରର ଭାଗିଦାରୀ ନିମନ୍ତେ ପଥ ଉନ୍ମୁକ୍ତ କରାଯିବା ସହିତ ଭାରତୀୟ କମ୍ପାନୀ ଗୁଡ଼ିକୁ ମଧ୍ୟ ଏଭଳି ଖଣିଜ ପଦାର୍ଥକୁ ଉପଲବ୍ଧ କରାଇବା ଦିଗରେ ସରକାର ପ୍ରୋତ୍ସାହିତ କରୁଛନ୍ତି । ଭାରତ-ଶ୍ରୀଲଙ୍କା ମଧ୍ୟରେ ଭାଗିଦାରୀ ଦୀର୍ଘ ବର୍ଷ ଧରି ରହିଆସିଛି ଏବଂ ଖଣିଜ ପଦାର୍ଥ କ୍ଷେତ୍ରରେ ଅର୍ଥନୈତିକ ସମ୍ପର୍କ ଓ ସହଯୋଗକୁ ଅଧିକ ସଶକ୍ତ କରିବା ଲାଗି ଏହି ଭାଗିଦାରୀ ସହାୟକ ହେବ ବୋଲି ଶ୍ରୀ ଦୁବେ କହିଛନ୍ତି ।

## ପଞ୍ଜାବ-ଆମେରିକା

ଯୁକ୍ତରାଷ୍ଟ୍ର ଆମେରିକାରେ ବେଆଇନ୍ ଭାବେ ବସବାସ କରୁଥିବା ଏକ ଶହରୁ ଊର୍ଦ୍ଧ୍ୱ ଭାରତୀୟଙ୍କୁ ସେଠାକାର ସରକାର ଏକ ସ୍ୱତନ୍ତ୍ର ବିମାନ ଯୋଗେ ଦ୍ୱିତୀୟଥର ଲାଗି ଆଜି ଭାରତ ପଠାଇଛନ୍ତି । ଏହି ବିମାନଟି ଅମୃତସରର ଶ୍ରୀଗୁରୁ ରାମଦାସ ଜୀ ଆନ୍ତର୍ଜାତିକ ବିମାନ ବନ୍ଦରରେ ଅବତରଣ କରିଛି । ସେମାନଙ୍କ ମଧ୍ୟରେ ୬୦ରୁ ଊର୍ଦ୍ଧ୍ୱ ଯାତ୍ରୀ ପଞ୍ଜାବର ହୋଇଥିବା ବେଳେ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ହରିଆଣାର ବୋଲି ଜଣାପଡ଼ିଛନ୍ତି । ଏହାଛଡ଼ା  ରାଜସ୍ଥାନ, ଗୁଜରାଟ, ଉତ୍ତର ପ୍ରଦେଶ, ଗୋଆ ଓ ମହାରାଷ୍ଟ୍ରର କେତେକ ଲୋକ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ । ଆସନ୍ତାକାଲି ମଧ୍ୟ ଆମେରିକା ଆଉ ଏକ ବିମାନ ଯୋଗେ ସେଠାରେ

ବେଆଇନ୍ ଭାବେ ବସବାସ କରୁଥିବା ଭାରତୀୟଙ୍କୁ  ଅମୃତସର ପଠାଇବାର ବ୍ୟବସ୍ଥା କରିଛି ବୋଲି ଜଣାଯାଇଛି ।

ଏଠାରେ ସୂଚନା ଦିଆଯାଇ ପାରେ ଗତ ୫ ତାରିଖ ଦିନ ଆମେରିକା ପ୍ରଥମଥର ଲାଗି ସେଠାରେ ବେଆଇନ୍ ଭାବେ ବସବାସ କରୁଥିବା ୧୦୪ ଜଣ ଭାରତୀଙ୍କୁ ଏକ ସ୍ୱତନ୍ତ୍ର ସାମରିକ ବିମାନରେ ଅମୃତସର ପଠାଇଥିଲା ।

ଏଭଳି ଯାତ୍ରୀଙ୍କୁ ଆମେରିକାରୁ ଆସୁଥିବା ବିମାନଟିକୁ ଅମୃତସରରେ ଅବତରଣ କରିବା ଲାଗି ଅନୁମତି ଦେଇ କେନ୍ଦ୍ର ସରକାର ପଞ୍ଜାବକୁ ବଦନାମ କରିବା ଲାଗି ଚେଷ୍ଟା କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଭଗବନ୍ତ ସିଂହ ମାନ୍‌ଙ୍କ ଅଭିଯୋଗକୁ ବିଜେପି ଖଣ୍ଡନ କରିଛି । ବିଜେପିର ଜାତୀୟ ମୁଖପାତ୍ର ଆର୍.ପି. ସିଂହ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଯୁକ୍ତରାଷ୍ଟ୍ର ଆମେରିକାରୁ ଆସୁଥିବା ବିମାନ ଲାଗି ଅମୃତସର ହେଉଛି ଭାରତର ନିକଟତମ ବିମାନ ବନ୍ଦର । ସେହି ଦୃଷ୍ଟିରୁ ଏହି ବିମାନ ଗୁଡ଼ିକୁ ସେଠାରେ ଅବତରଣ କରିବା ଲାଗି କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି ବୋଲି ଶ୍ରୀ ସିଂହ କହିଛନ୍ତି ।

## ପିଏମ୍-ପୂଜ୍ୟ ସନ୍ଥ

ପୂଜ୍ୟ ସନ୍ଥ ସେବାଲାଲ ମହାରାଜଜୀଙ୍କର ଜନ୍ମ ବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ପୂଜ୍ୟ ସନ୍ଥ ସେବାଲାଲ ତାଙ୍କର ସମଗ୍ର ଜୀବନକୁ ଗରିବ ଓ ଅବହେଳିତ ଲୋକଙ୍କର କଲ୍ୟାଣ ଦିଗରେ ନିୟୋଜିତ ରଖିଥିଲେ । ଏଥିସହିତ ସାମାଜିକ ଅନ୍ୟାୟ ବିରୁଦ୍ଧରେ ପୂଜ୍ୟ ସନ୍ଥ ନିରନ୍ତର ସଂଗ୍ରାମ ଜାରି ରଖିବା ସହ ସମାନତା, ସଦିଚ୍ଛା, ତ୍ୟାଗ ଏବଂ ସ୍ୱାର୍ଥହୀନ ସେବା ଦିଗରେ ପ୍ରତିଶ୍ରୁତିବଦ୍ଧ ଥିଲେ ବୋଲି ଶ୍ରୀ ମୋଦୀ କହିଛନ୍ତି ।

## କାଶୀ-ତାମିଲ୍ ସଙ୍ଗମମ୍

କାଶୀ-ତାମିଲ୍ ସଙ୍ଗମମ୍‌ର ତୃତୀୟ ସଂସ୍କରଣ ଆଜି ବାରାଣସୀର ନମୋଘାଟ ଠାରେ ଉଦ୍‌ଘାଟିତ ହୋଇଯାଇଛି । ତାମିଲନାଡୁ ଓ କାଶୀ ମଧ୍ୟରେ ସାଂସ୍କୃତିକ ଏବଂ ବୌଦ୍ଧିକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ସଙ୍ଗମମ୍‌କୁ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଏଲ୍. ମୁରୁଗାନ୍ ମିଳିତ ଭାବେ ଉଦ୍‌ଘାଟନ

କରିଛନ୍ତି । ବିଭିନ୍ନ ମନ୍ତ୍ରଣାଳୟ ଓ ଉତ୍ତରପ୍ରଦେଶ ସରକାରଙ୍କ ସହଯୋଗରେ ଏହି ସାଂସ୍କୃତିକ ସମାରୋହ ଆୟୋଜିତ ହୋଇଛି ।

## ଜୟଶଙ୍କର

ଜର୍ମାନୀ ଠାରେ ମ୍ୟୁନିକ୍ ସୁରକ୍ଷା ସମ୍ମିଳନୀ ଅବସରରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ତାଙ୍କର ୟୁକ୍ରେନ୍ ପ୍ରତିପକ୍ଷ ଆଣ୍ଡ୍ରି ସିବୀହାଙ୍କ ସହିତ ଦ୍ୱିପକ୍ଷିୟ ସହଯୋଗ ସମ୍ପର୍କରେ ଆଲୋଚନା କରିଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଭାରତ-ୟୁକ୍ରେନ୍ ମଧ୍ୟରେ ଦ୍ୱିପକ୍ଷିୟ ସହଯୋଗକୁ ଅଧିକ ସଶକ୍ତ କରିବା ସହିତ ୟୁକ୍ରେନ୍‌ରେ ଶାନ୍ତି ଫେରାଇ ଆଣିବା ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଛି । ସେହିଭଳି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ସିବୀହା କହିଛନ୍ତି, ୟୁକ୍ରେନ୍‌ରେ ଶାନ୍ତି ଫେରାଇ ଆଣିବା ଦିଗରେ ଭାରତର ସହଯୋଗ ଉପରେ ତାଙ୍କର ବିଶ୍ୱାସ ରହିଛି । ସେହିଭଳି ବାଣିଜ୍ୟ, ବୈଷୟିକ ଜ୍ଞାନକୌଶଳ, କୃଷି ଓ ସୁରକ୍ଷା ଆଦି କ୍ଷେତ୍ରରେ ଭାରତ ସହିତ ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ମଧ୍ୟ ୟୁକ୍ରେନ୍ ଆଗ୍ରହୀ ବୋଲି ଶ୍ରୀ ସିବୀହା ଏହି ପୋଷ୍ଟରେ ଉଲ୍ଲେଖ କରିଛନ୍ତି ।

# ଚାମ୍ପିୟନ୍ସ ଟ୍ରଫି

ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫିରେ ଭାଗ ନେବା ଲାଗି ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ୍ ଦଳ ଆଜି ଦୁବାଇ ଅଭିମୁଖେ ଯାତ୍ରା କରିଛି । ମୁମ୍ବାଇ ଛତ୍ରପତି ଶିବାଜୀ ମହାରାଜ ଆନ୍ତର୍ଜାତିକ ବିମାନ ବନ୍ଦରରୁ ଅଧିନାୟକ ରୋହିତ ଶର୍ମା, ଉପଅଧିନାୟକ ଶୁବମନ ଗିଲ୍ ଓ ବିରାଟ କୋହଲିଙ୍କ ସମେତ ଦଳର ସମସ୍ତ ସଦସ୍ୟ ଓ କୋଚ୍ ଗୌତମ ଗାମ୍ଭୀର ଦୁବାଇ ଯାଇଛନ୍ତି । ଆସନ୍ତା ୨୦ ତାରିଖ ଦିନ ଭାରତ ତାର ପ୍ରଥମ ମ୍ୟାଚ୍ ବାଂଲାଦେଶ ବିପକ୍ଷରେ ଖେଳିବାକୁ ଥିବା ବେଳେ ଚୀର ପ୍ରତିଦ୍ୱନ୍ଦ୍ୱି ପାକିସ୍ତାନ ସହିତ ଆସନ୍ତା ୨୩ ତାରିଖ ରବିବାର ଦିନ ଭେଟାଭେଟି ହେବ । ସେହିଭଳି ମାର୍ଚ୍ଚ ୨ ତାରିଖ ଦିନ ନ୍ୟୁଜିଲାଣ୍ଡ ଓ ଭାରତ ମ୍ୟାଚ୍ ଅନୁଷ୍ଠିତ ହେବ ।

ଯଶପ୍ରୀତ ବୁମ୍‌ରା ଆହତ ହେବା ଯୋଗୁଁ ଦଳରୁ ବାଦ୍ ପଡ଼ିଛନ୍ତି । ତେବେ ଦଳ ଯୁବ ପେସର୍ ଅର୍ଶଦୀପ ସିଂହ, ହର୍ଷିତ୍ ରାଣା ଏବଂ ସ୍ପିନର୍ ବରୁଣ ଚକ୍ରବର୍ତ୍ତୀଙ୍କ ଉପରେ ଅନେକ ଆଶା ରଖିଛି । ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍‌ରେ ବିରାଟ କୋହଲି ୧୪ ହଜାର ରନ୍ ସମ୍ପୂର୍ଣ୍ଣ କରିବା ଠାରୁ ୩୭ରନ୍ ପଛରେ ଥିବା ବେଳେ ୧୧ହଜାର ରନ୍ କ୍ଲବ୍‌ରେ ସାମିଲ ହେବା ଲାଗି ରୋହିତ ଶର୍ମାଙ୍କୁ ଆଉ ୧୨ରନ୍ ଆବଶ୍ୟକ ବୋଲି ଜଣାପଡ଼ିଛି ।

# ମହିଳା ପ୍ରିମିୟର୍ ଲିଗ୍

ମହିଳା ପ୍ରିମିୟର୍ ଲିଗ୍ ୨୦୨୫ ପ୍ରତିଯୋଗିତାରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମୁକାବିଲା ହେବ । ବଦୋଦରା ଠାରେ ଆଉ କିଛି ସମୟ ପରେ ଏହି ମ୍ୟାଚ୍ ଆରମ୍ଭ ହେବ ।

ମହିଳା ପ୍ରିମିୟର୍ ଲିଗ୍‌ର ଏହି ତୃତୀୟ ସଂସ୍କରଣରେ ୫ଟି ଦଳ ଅଂଶଗ୍ରହଣ କରିଛନ୍ତି । ଏହି ଦଳ ଗୁଡ଼ିକ ହେଉଛନ୍ତି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ, ଗୁଜରାଟ ଜ୍ୟାଣ୍ଟସ୍, ଦିଲ୍ଲୀ କ୍ୟାପିଟାଲ୍ସ, ୟୁପି ୱାରିୟର୍ସ୍ ଏବଂ ମୁମ୍ବାଇ ଇଣ୍ଡିଆନ୍ସ । ବଦୋଦରା, ବେଙ୍ଗାଲୁରୁ, ଲକ୍ଷ୍ନୌ ଏବଂ ମୁମ୍ବାଇ ଠାରେ ଏହି ସଂସ୍କରଣର ସମସ୍ତ ମ୍ୟାଚ୍ ଖେଳାଯିବ । ଆସନ୍ତା ମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ମୁମ୍ବାଇର ବ୍ରାବୋନ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ ।